# ସେହି ମୋ' ପ୍ରିୟ ଜନମ ଭୂଇଁ



ଯେଉଁ ଦେଶରେ ଜନମ ମୋର
ଯାହାର କୋଳେ ବଢୁଛି ମୁହିଁ,
ଜନନୀ ପରି ପାଳୁଛି ଯିଏ
ସେହିତ ମୋର ଜନମ ଭୂଇଁ ।



ଗହନ ବନ ଶ୍ୟାମଳ ତରୁ
ଗହଳ ଲତା ଦେହେ ତା' ଶୋହେ,
ଡାଳରୁ ଡାଳେ ବିହଙ୍ଗ ଉଡ଼ି
ମଧୁର ଗାନେ ପରାଣ ମୋହେ ।



ତାରକା ମେଳେ ଆକାଶେ ତା'ର
ଜୋଛନା ଢାଳେ ବିମଳ ଶଶୀ,
ଗୋଟିକି ଗୋଟି କୁସୁମ ଫୁଟି
କୋଳେ ତା' ଲୋଟି ଉଠଇ ହସି ।



ସାଗରେ ନୀଳ ଲହରୀ ମାଳ
ନାଚି ନାଚି ତା' ଚରଣ ଧୁଏ,
ଖେଳି ଖେଳିକା ଝରଣା କେତେ
ସରାଗେ ତା'ର ଦେହଟି ଛୁଏଁ ।

ସେହି ଦେଶର ପଲ୍ଲୀ ପୁରେ
ଆପଣା ପର ବିଚାର ନାହିଁ,
ସବୁରି ସାଥେ ଖେଳେ ମୁଁ ହସି
ସଭିଏଁ ମୋର ଭଉଣୀ ଭାଇ ।



ତାହାରି ସୁଖ କାମନା ଆମ
ତାହାରି ସେବା ଆମରି କାମ,
ତାହାରି ପାଇଁ ଜୀବନ ଢାଳି
ରଖିବା ଆମେ ତାହାରି ନାମ ।

ସେହିତ ଗଢ଼େ ଜୀବନ ମୋର
ସେନେହେ ତା'ର ବଢୁଛି ମୁହିଁ,
ତାହାଠୁ ବଡ଼ ନାହିଁ କେ ଆଉ
ସେହି ମୋ' ପ୍ରିୟ ଜନମ ଭୂଇଁ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ବିହଙ୍ଗ, ବିମଳ, ଜୋଛନା, କୁସୁମ, ଶଶୀ, ଶ୍ୟାମଳ, ସରାଗ, ପଲ୍ଲୀ, ସେନେହେ, କାମନା, ମୋହେ, ଶୋହେ

### ଶିକ୍ଷକଙ୍କପାଇଁ ସୂଚନା

- ଗାଁ, ଜିଲ୍ଲା , ପ୍ରଦେଶ ଓ ଦେଶ ସମ୍ବନ୍ଧରେ ଧାରଣା ଦେବେ ।
- ଦେଶର ସୁନାମ ରଖିବା ପ୍ରସଙ୍ଗରେ ଦେଶସେବା, ବିଦ୍ୟାଅର୍ଜନ, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କର ଉଦାହରଣ ଦେଇ ବୁଝାଇବେ ।
- ମିଳିମିଶି ଚଳିବା, ଦେଶାତ୍ମବୋଧ ଇତ୍ୟାଦି ମନୋଭାବ ସୃଷ୍ଟି କରାଇବେ ।
- ନିଜ ଜନ୍ମଭୂମି ପ୍ରତି କର୍ତ୍ତବ୍ୟ ବିଷୟରେ ପିଲାମାନଙ୍କୁ ଧାରଣା ଦେବେ ।




୧. ଆସ ଆମେ ଜାଣିବା ଆମ ମାଟି ମା'ର କଥା ।

(କ) ଆମ ଦେଶର ନାମ କ'ଣ ?

(ଖ) ଆମ ଜନ୍ମଭୂମିର ନାମ କ'ଣ ?

(ଗ) ଜନ୍ମଭୂମିର ପାଦ କିଏ ଧୋଇଦିଏ ?

(ଘ) କେଉଁମାନେ ଆମର ଭଉଣୀ ଭାଇ ?

(ଙ) ଆମେ ଜନ୍ମଭୂମିର ନାମ କିପରି ରଖିବା ?



୨. 


"ସାଗରେ ନୀଳ ଲହରୀ ମାଳ
ନାଚି ନାଚି ତା' ଚରଣ ଧୁଏ,
ଖେଳି ଖେଳିକା ଝରଣା କେତେ
ସରାଗେ ତା'ର ଦେହଟି ଛୁଏଁ।"

ଏହି ପଦରେ ଥିବା – ସାଗର ଓ ନୀଳ ଲହରୀର ଚିତ୍ର ମାନଚିତ୍ରରେ ସଜାଇ ଦିଅ।

୩. "ଗହନ ବନ ଶ୍ୟାମଳ ତରୁ
ଗହଳ ଲତା ଦେହେ ତା' ଶୋହେ,
ଡାଳରୁ ଡାଳେ ବିହଙ୍ଗ ଉଡ଼ି
ମଧୁର ଗାନେ ପରାଣ ମୋହେ।"

ଏହି ପଦଟିରେ ଯାହା କୁହାଯାଇଛି, ତାକୁ ନେଇ ଚିତ୍ରଟିଏ ଆଙ୍କ।

୪. 'ଜନନୀ ପରି ପାଳୁଛି ଯିଏ
ସେହି ତ ମୋର ଜନମ ଭୂଇଁ।'

ଏହି ପଦଟିକୁ ପଢ଼ି **'ଯିଏ'** ଏବଂ **'ସେହି ତ'** କାହା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଛି ତିନୋଟି ବାକ୍ୟରେ ଲେଖ।

___

___

___

୫. ମଝି ଗୋଲ ଭିତରୁ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଆଣି ସେମାନଙ୍କର ପାଖ ଘରେ ଲେଖ।

ଭଗିନୀ, ମାତା, ଶାଶୁ, ପଶୁ, ପକ୍ଷୀ, ପିତା, ମିଠା, ସଫା, କଷା, ଖରା, ଚନ୍ଦ୍ରକିରଣ, ଜହ୍ନ, ଗୋଳିଆ, ସୂର୍ଯ୍ୟ

| | | | |
|---|---|---|---|
| ଜନନୀ | | ଜୋଛନା | |
| ବିହଙ୍ଗ | | ବିମଳ | |
| ମଧୁର | | ଶଶୀ | |

୬. ସେହି ଦେଶର ପଲ୍ଲୀ ପୁରେ
ଆପଣା ପର ବିଚାର ନାହିଁ ।

କ) 'ସେହି ଦେଶର' – କେଉଁ ଦେଶକୁ ବୁଝାଉଛି ? ________________

ଖ) ଏଠି 'ପଲ୍ଲୀ ପୁରେ' ର ଅର୍ଥ କ'ଣ ? ________________

ଗ) 'ଆପଣା ପର ବିଚାର ନାହିଁ' ର ଅର୍ଥ କ'ଣ ? ________________

୭. କୋଠରି ଭିତରୁ ଶବ୍ଦ ଆଣି ଶୂନ୍ୟସ୍ଥାନ ପୂରଣ କର । ଏବେ ତାକୁ ପଢ଼ ।

| |
|---|
| ଗୀତ, ଚକିତ |
| ଜଗତ, ଭାରତ |
| ମହତ |

ସାରା ____________ ରେ ଆମ ____________

ଶୁଣାଇ ସଭିଙ୍କୁ ଶାନ୍ତିର ____________

ପୃଥିବୀବାସୀଙ୍କୁ କରେ ____________

ଆସରେ ରଖିବା ତାର ____________

୮. ଯେପରି

ମଧୁର  ଗାନ

ସେହିପରି ତଳ ବନ୍ଧନୀ ମଧ୍ୟରୁ ଶବ୍ଦ ଆଣି ଚିତ୍ରର ଦୁଇ ପାଖ ଘରେ ଲେଖ ।



ଗହନ, ଶ୍ୟାମଳ, ଗହଳ, ନୀଳ, ଲତା, ବନ, ତରୁ, ସାଗର

୯. ଯେପରି 'ଖେଳି ଖେଳି' ହୁଏ – 'ଖେଳି ଖେଳିକା' ସେହିପରି କ'ଣ ହେବ ଲେଖ ।

ହସି ହସି ନାଚି ନାଚି ବସି ବସି ଗାଇ ଗାଇ

________ ________ ________ ________

୧୦. କାହାର କାହା ସହ ସମ୍ପର୍କ ଅଛି ଗାର ଟାଣି ଦେଖାଅ ।

| | | |
|---|---|---|
| ଯେପରି | ଜନନୀ → | ଜୋଛନା |
| | ଶଶୀ | କୋଳ |
| | ସାଗର | ଖରା |
| | ବିହଙ୍ଗ | ଲହରୀ |
| | | ଗାନ |

୧୧. ପଦ୍ୟରେ ଯେଉଁ ଶବ୍ଦଗୁଡ଼ିକ ପଢ଼ିଲେ, ତାକୁ କଥାରେ ଲେଖିବା ।

| ଗୀତରେ | କଥାରେ |
|---|---|
| ଜନମ → | ଜନ୍ମ |
| ପରାଣ | ________ |
| ଜୋଛନା | ________ |
| ସେନେହ | ________ |

୧୨. ତଳେ ଥିବା ଚିତ୍ରଟିକୁ ଦେଖି ତା' ବିଷୟରେ ୫ଟି ଧାଡ଼ି ଲେଖ ।



________________________________________

________________________________________

________________________________________

________________________________________

________________________________________